## ଅନୁଗୋଳ ଜିଲାରୁ ୩୩ କରୋନା ଆକ୍ରାନ୍ତ ଚିହ୍ନଟ

ଅନୁଗୋଳ ଅଫିସ: ଅନୁଗୋଳ ଜିଲାରୁ ଗୁରୁବାର ୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍‌ଙ୍କ ସଂଖ୍ୟା ୧୨୬୫୦ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୧୪, ବଆଁରପାଳ ବ୍ଲକରୁ ୬, ଅନୁଗୋଳ ବ୍ଲକରୁ ୪, କଣିହାଁ ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୨, ତାଳଚେର ବ୍ଲକରୁ୨ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଦିନକରେ ୮ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ

## ପୋଡ଼ିଗଲା କୁକୁଡ଼ା ଫାର୍ମ



**ବନ୍ତଲା,୮।୪(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ବାରଗୌଣିଆ ଗ୍ରାମରେ ଗୁରୁବାର ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ଏକ କୁକୁଡ଼ା ଫାର୍ମ ପୋଡ଼ିଯାଇଛି। ଏଥିରେ ଗ୍ରାମର ନରେନ୍ଦ୍ର ସାହୁଙ୍କ ୨ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା ଦଗ୍ଧ ହୋଇଯାଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଜଳୁଛି ଦନ୍ତରିଖୋଲ ଜଙ୍ଗଲ



**ବଇଣ୍ଡା,୮।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ ପେଡିପଥର ସେକ୍ସନ ଅଧୀନରେ ଥିବା ଦନ୍ତରିଖୋଲ ଜଙ୍ଗଲ ବୁଧବାରଠାରୁ ଜଳୁଛି। ଫଳରେ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ବେଳେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ୨ ଦିନ ହେବ ଜଙ୍ଗଲ ଜଳୁଥିବାବେଳେ ବନବିଭାଗ ପକ୍ଷରୁ ପଦେକ୍ଷେପ ନିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଯାଇଛି। ଏହି ଜଙ୍ଗଲରେ ବହୁ ମହୁଲ ଗଛ ରହିଛି। ତେଣୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ କେତେଜଣ ଯୁବକ ଜଙ୍ଗଲରେ ନିଆ ଲଗାଇଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ ବେହେରା କୁହନ୍ତି, ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ବିଭାଗ ପକ୍ଷରୁ ପଦେକ୍ଷେପ ନିଆଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**ମାଧପୁର,୮।୪:** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆହ୍ୱାନକ୍ରମେ ଆଠମଲ୍ଲିକ ବ୍ଲକ ଶାଖା ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ୧୫ ଦଫା ସମ୍ବଳିତ ଏକ ଦାବିପତ୍ର ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ସଂଘ କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ମିଶ୍ର, କୋଷାଧ୍ୟକ୍ଷ ବିବେକାନନ୍ଦ ଭୁକ୍ତା ଏହି ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟତଃ ଅବସର କର୍ମଚାରୀଙ୍କୁ ଜାନୁୟାରୀ ୨୦୨୦ ଠାରୁ ଜାନୁୟାରୀ ୨୦୨୧ ପର୍ଯ୍ୟନ୍ତ ବର୍ଦ୍ଧିତ ବକେୟା ମହଙ୍ଗା ଭତ୍ତା ଏବଂ ୧୫୦୦ ଟଙ୍କା ସର୍ବନିମ୍ନ ଚିକିତ୍ସା ଭତ୍ତା ଦେବା ନିମିତ୍ତ ଦାବି କରାଯାଇଛି।

## କଣିହାଁରେ ଅର୍ଥନୈତିକ ଅବରୋଧ

**କଣିହାଁ,୮।୪(ଡି.ଏନ.ଏ.):** ଟିଟିପିଏସ୍ ବନ୍ଦ ପ୍ରତିବାଦ ସହିତ ନୂଆ ୟୁନିଟ୍ କାର୍ଯ୍ୟକ୍ଷମ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଗୁରୁବାର କଣିହାଁରେ ଅର୍ଥନୈତିକ ଅବରୋଧ କରାଯାଇଥିଲା। ସମର୍ଥନକାରୀମାନେ ବିଭିନ୍ନ ସ୍ଥାନରେ ପ୍ରତିବାଦ କରିବାରୁ ଟ୍ରେନ, ଟ୍ରକ ଯୋଗେ କୋଇଲା ପରିବହନ ଠପ୍ ହୋଇଥିଲା। ଏହି ଘଟଣାରେ ପୋଲିସ ୮ ଜଣଙ୍କୁ ଗିରଫ କରିଥିଲା। ଅପରାହ୍ନ ୨ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୁନୀଲ ପ୍ରଧାନ, ପ୍ରଦୀପ ସାହୁ, ସାଧୁ ସାହୁ, ଆଲୋକ ସାହୁ, ନିର୍ମଳ ସାହୁ ପ୍ରମୁଖ ଏନ୍‌ଟିପିସି ପ୍ରକଳ୍ପ କଣିହାଁ ବାଇପାସ ଛକ ଫାଟକରେ ଅବରୋଧ କରିଥିଲେ। ଏ ନେଇ ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରେ ମତାମତ ମିଳିପାରି ନାହିଁ।

## ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୮।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ମାଙ୍କଡଚୁଆ ଗ୍ରାମର ଦ୍ରୌପଦୀ ପ୍ରଧାନଙ୍କୁ ସେହି ଗ୍ରାମର ବାବୁଲି ପ୍ରଧାନ, ବ୍ରଜବନ୍ଧୁ ପ୍ରଧାନ ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଦ୍ରୌପଦୀ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଉଭୟ ମିଶି ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ନଂ. ୯୬/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପାଣି ଖୋଜୁଛନ୍ତି ପଥିକ

- ଗ୍ରୀଷ୍ମରେ ଆଉଟୁପାଉଟୁ ଖମାର ଅଞ୍ଚଳବାସୀ
- ଏଯାଏ ପାଲଲହଡ଼ା ପ୍ରଶାସନ ଖୋଲିନି ଜଳଛତ୍ର
- ଗ୍ରୀଷ୍ମ ମୁକାବିଲା ଦିଗରେ ତତ୍ପରତା ନ ଥିବାରୁ ଅସନ୍ତୋଷ



ଟାଣ ଖରାରୁ ରକ୍ଷା ପାଇଁ ଦୁଇ ମହିଳା ଛତାଧରି ଯାଉଛନ୍ତି। (ଫଟୋ- ବୁବୁ)

**ଖମାର,୮।୪**

ବଢୁଛି ଗ୍ରୀଷ୍ମପ୍ରବାହ। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଛନ୍ତି ଲୋକେ। ସ୍ଥିତିକୁ ଦେଖି ସରକାର ସଚେତନ କରାଉଛନ୍ତି। ଅଂଶୁଘାତକୁ ନେଇ ସତର୍କ ରହିବାକୁ ଲୋକଙ୍କୁ ବାରମ୍ବାର ଚେତାଇ ଦେଉଛନ୍ତି। ଜରୁରୀ କାର୍ଯ୍ୟ ନ ଥିଲେ ଟାଣ ଖରାବେଳେ ବାହାରକୁ ନ ବାହାରିବାକୁ ପରାମର୍ଶ ଦେଉଛନ୍ତି। ପୂର୍ବାହ୍ନରୁ ୧୦ଟାରୁ ଅପରାହ୍ନ ୨ଟା ଯାଏ ଶ୍ରମିକଙ୍କ କାମ ବନ୍ଦ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ଗ୍ରୀଷ୍ମ ମୁକାବିଲା ନେଇ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଏଯାଏ ସେପରି ତତ୍ପରତା ଦେଖିବାକୁ ମିଳୁନାହିଁ। ବିଶେଷକରି ପଥିକମାନେ ପିଇବା ପାଣି ଖୋଜୁଥିବା ବେଳେ ଜଳଛତ୍ରଟିଏ ଖୋଲିବାକୁ ପ୍ରଶାସନ ଆଗ୍ରହ ପ୍ରକାଶ କରିନାହିଁ। ଏହାକୁ ନେଇ ଖମାର ବଜାର ଉପରେ ନିର୍ଭର କରୁଥିବା ୧୩ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପାଲଲହଡ଼ା ବ୍ଲକର ୨୭ଟି ପଞ୍ଚାୟତ ମଧ୍ୟରୁ ଖମାର ବଜାର ଉପରେ ପାଖାପାଖି ୧୩ଟି ପଞ୍ଚାୟତବାସୀ ନିର୍ଭର କରନ୍ତି। ହାଟ ବଜାର କରିବାକୁ ଦୈନିକ ସହସ୍ରାଧିକ ଲୋକ ଯାତାୟାତ କରୁଥିବା ବେଳେ ଥାନା, ଡାକ୍ତରଖାନା, ପୋଷ୍ଟ ଅଫିସ, ଆର୍‌ଆଇ ଅଫିସ ଓ ବ୍ୟାଙ୍କଗୁଡ଼ିକୁ ବିଭିନ୍ନ କାର୍ଯ୍ୟ ପାଇଁ ଲୋକେ ଆସିଥାନ୍ତି। ବଜାରରେ ଥିବା ଏକମାତ୍ର ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ତଳୁ ଅଚଳ ହୋଇଯାଇଥିବାରୁ ଲୋକେ ପାଣି ଟୋପେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ସମୟରେ ପାନୀୟ ଜଳର ଅଧିକ ଆବଶ୍ୟକତା ଥିବାରୁ ଏ ନେଇ ପ୍ରଶାସନ ଅଧିକ ତତ୍ପର ହେବା କଥା। ବଜାର ସହ ବିଭିନ୍ନ ସ୍ଥାନରେ ଜଳଛତ୍ରମାନ ଖୋଲିବା ଦିଗରେ ପଦକ୍ଷେପ ନିଆଯିବା କଥା। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅର୍ଥ ମଧ୍ୟ ପ୍ରଦାନ କରାଯାଉଛି। କିନ୍ତୁ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଏଯାଏ ଜଳଛତ୍ର ପାଇଁ କୌଣସି ବ୍ୟବସ୍ଥା କରି ନ ଥିବାରୁ ବଜାର ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ପାଣି ମୁନ୍ଦେ ପାଇପାରୁ ନାହାନ୍ତି। ବିଶେଷକରି ଗ୍ରାମାଞ୍ଚଳରୁ ସାଇକେଲରେ ଓ ଚାଲି ଚାଲି ଆସୁଥିବା ଲୋକେ ପିଇବା ପାଣି ପାଇଁ ଜଳଛତ୍ର ଉପରେ ଅଧିକ ନିର୍ଭର କରିଥାନ୍ତି। ହେଲେ କୌଣସି ସ୍ଥାନରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥିକମାନେ ଶୋଷ ମେଣ୍ଟାଇପାରୁ ନାହାନ୍ତି।

### ପ୍ରଶାସନ ବୁଝୁନି ସମସ୍ୟା



“ଗ୍ରୀଷ୍ମପ୍ରବାହ ବଢ଼ିଚାଲିଥିଲେ ମଧ୍ୟ ଏଯାଏ ବ୍ଲକ ପ୍ରଶାସନ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହିଁ। ଗ୍ରାମାଞ୍ଚଳରୁ ଖମାର ବଜାରକୁ ଆସୁଥିବା ବାଟୋଇମାନେ ପାନୀୟ ଜଳ ଖୋଜୁଥିବା ବେଳେ ଜଳଛତ୍ର ଖୋଲା ନ ଯିବା ଦୁର୍ଭାଗ୍ୟଜନକ।

-ଲକ୍ଷ୍ମୀଧର ବିଶ୍ୱାଳ, ଖମାର

### ଅସୁବିଧା ଭୋଗୁଛନ୍ତି ବାଟୋଇ



“ଖମାର ଅଞ୍ଚଳର ବହୁ ସ୍ଥାନରେ ସାପ୍ତାହିକ ହାଟ ହଉଛି। ସେଠାକୁ ଗ୍ରାମାଞ୍ଚଳର ଚାଷୀ ଓ ଖାଉଟିମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଦୂର ଦୂରାନ୍ତର ଲୋକେ ଟାଣ ଖରାରେ ଯାତାୟାତ ବେଳେ ପାଣି ମୁନ୍ଦେ ଖୋଜିଥାନ୍ତି। ପ୍ରଶାସନ ତୁରନ୍ତ ଜଳଛତ୍ର ବ୍ୟବସ୍ଥା କରୁ।

-କୃଷ୍ଣ ଚନ୍ଦ୍ର ସାହୁ, ଶଙ୍ଖମୁର

### ମାସେ ପରେ ବି ଚିନ୍ତା ନାହିଁ



“ଦିନକୁ ଦିନ ତାପମାତ୍ରରେ ଭାରି ବୃଦ୍ଧି ଦେଖିବାକୁ ମିଳୁଛି। ଏପରି ସମୟରେ ରାସ୍ତା ପାର୍ଶ୍ୱରେ ଜଳଛତ୍ରଟିଏ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। ମାର୍ଚ୍ଚରୁ ଖରା ବଢ଼ିଚାଲିଥିଲେ ମଧ୍ୟ ଏଯାଏ ପ୍ରଶାସନ ପକ୍ଷରୁ ଜଳଛତ୍ରଟିଏ କରା ନ ଯିବା ଚିନ୍ତାର ବିଷୟ।

-ଯୁଗଳ କିଶୋର ଜିତ, ସାମାଜିକ କର୍ମୀ, ଖମାର

### ବ୍ଲକରୁ ନିର୍ଦ୍ଦେଶ ଆସିନି



“ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବାକୁ ଏଯାଏ ବ୍ଲକ ତରଫରୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ସେଥିପାଇଁ ପଦକ୍ଷେପ ନିଆଯାଇ ନାହିଁ। ବ୍ଲକ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଲେ ତୁରନ୍ତ ଜଳଛତ୍ର ସେବା ଆରମ୍ଭ କରାଯିବ।

-ସ୍ୱର୍ଣ୍ଣଲତା ସାହୁ, ସରପଞ୍ଚ, ଶଙ୍ଖମୁର

### ବଜାରରେ ଅଚଳ ପଡ଼ିଛି ପ୍ରକଳ୍ପ



“ଖମାର ବଜାରକୁ ଦୈନିକ ବହୁ ସଂଖ୍ୟାରେ ଲୋକ ଆସିଥାନ୍ତି। ବଜାରରେ ଥିବା ଏକମାତ୍ର ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କେବେଠାରୁ ଖରାପ ହୋଇପଡିଛି। ତେଣୁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲେ ଲୋକେ ପାଣି ପାଇଁ ଆଉ ଅସୁବିଧା ଭୋଗ ନ ଥାନ୍ତେ।

-ଦେବାଶିଷ ସାମଲ, ବ୍ୟବସାୟୀ, ଖମାର ବଜାର

### ଜଳଛତ୍ର ପାଇଁ ବ୍ୟବସ୍ଥା ହେଉଛି



“ଖରା ବଢ଼ିଛି। ଏହାକୁ ନଜରରେ ରଖି ଗତ ୧ ତାରିଖରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଆରମ୍ଭ ହେବାର ଯୋଜନା ଥିଲା। ଏଥିରେ ସାମାନ୍ୟ ବିଳମ୍ବ ହୋଇଛି। ତେବେ ଆସନ୍ତା ସୋମବାରରୁ ଜଳଛତ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯିବ।

_ଅଜିତ କୁମାର ପ୍ରଧାନ, ଉପଜିଲାପାଳ, ପାଲଲହଡ଼ା

## ଭାରିଯାନ ଚଳାଚଳ ନେଇ ଅସନ୍ତୋଷ



**ଛେଣ୍ଡିପଦା,୮।୪(ସ୍ୱ.ପ୍ର.)**

ଗ୍ରାମ ଭିତର ଦେଇ ଭାରିଯାନ ଚଳାଚଳ କରୁଥିବାରୁ ଏହାକୁ ବିରୋଧ କରି ଗୁରୁବାର ଛେଣ୍ଡିପଦା ବ୍ଲକ ରାଇପାଳ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଅପରାହ୍ନରେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀ କହିଛନ୍ତି, ରାଞ୍ଚି-ବିଜୟାୱାଡା କରିଡର ୧୫୩ (ବି) ଜାତୀୟ ରାଜପଥ ଛେଣ୍ଡିପଦା ଠାରୁ ବାଗେଡିଆ, ଖମାର, ସାମଲମଳିହା, ରାଇପାଳ ଓ ଖଇରବେରେଣୀ ଗ୍ରାମ ଇଲାକା ଦେଇ ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକ ସଦରମହକୁମା ସହ ସଂଯୋଗ କରୁଛି। କିନ୍ତୁ ଛେଣ୍ଡିପଦା ତହସିଲ ଅଧୀନରେ ଥିବା କେତେଜଣ ଜମିହରା ପ୍ରଜାମାନଙ୍କ ଆବଶ୍ୟକ ଜମି ଅଧିଗ୍ରହଣ କରାଯାଉ ନ ଥିବା ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ରାଇପାଳ ଓ ଖଇରବେରେଣୀ ଗ୍ରାମ ଭିତର ଦେଇ ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ କରୁଥିବା ଯୋଗୁ ଅଧିକାଂଶ ସମୟ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ସମସ୍ୟା ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପଦ୍ମ ଲୋଚନ ପ୍ରଧାନ, ସମ୍ପାଦକ ସପ୍ତେଶ୍ୱର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜରିମାନା ଆଦାୟ, ଦୋକାନ ସିଲ୍



ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସହରରେ ଯାଞ୍ଚ କରୁଛନ୍ତି।

**ଅନୁଗୋଳ ଅଫିସ, ୮।୪**

ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ କୋଭିଡ୍ କଟକଣାକୁ ପ୍ରଶାସନ ପକ୍ଷରୁ କଡ଼ାକଡ଼ି କରାଯାଇଛି। ଗୁରୁବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ବାସୁଦେବ ଶତପଥୀ, ଅତିରିକ୍ତ ତହସିଲଦାର ସୁମନ୍ତ କୁମାର ବେହେରା, ପୌରପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ସହରରେ ବୁଲି କଟକଣା ପାଳନ ହେଉଛି କି ନାହିଁ ତାହାର ତଦାରଖ କରିବା ସହ ମାସ୍କ ଓ ସାମାଜିକ ଦୂରତ୍ୱ ରକ୍ଷା ସମ୍ପର୍କରେ ଜନସାଧାରଣ ଏବଂ ବ୍ୟବସାୟୀମାନଙ୍କୁ ବୁଝାଇଥିଲେ। ଏଥିସହ ୧୯ ଜଣ ଅମାନିଆଙ୍କଠାରୁ ପାଖାପାଖି ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି କରୋନା କଟକଣା ପାଳନ କରି ନ ଥିବା ଅଭିଯୋଗରେ ଗୋଟିଏ ଦୋକାନ ସିଲ କରିଥିଲେ।

ସନ୍ଧ୍ୟା ୬ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀମାନେ ସହରରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବଜାରରେ ଯାଞ୍ଚ କରିଥିଲେ। ବିଶେଷକରି ଦୋକାନ ଗୁଡ଼ିକରେ ସାମାଜିକ ଦୂରତ୍ୱ ଓ ମାସ୍କ ନିୟମ ପାଳନ ସମ୍ପର୍କରେ ସଚେତନ କରିଥିଲେ। ଯେଉଁମାନେ ମାସ୍କ ପରିଧାନ କରି ନ ଥିଲେ ସେମାନଙ୍କ ନିକଟରୁ ଜରିମାନା ଆଦାୟ କରିଥିଲେ। ସଞ୍ଜିବନୀ ମାର୍କେଟ, ବଜାରଛକ, ଶଙ୍କର ସିନେମା ରୋଡ୍ ଦେଇ ଗାନ୍ଧୀମାର୍ଗରେ ପହଞ୍ଚିଥିଲେ। ଏହି ସମୟରେ ଅନୁଗୋଳ ପୋଲିସ ପକ୍ଷରୁ ୧୩ ଜଣଙ୍କ ନିକଟରୁ ୬ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ପୌରପାଳିକା ପକ୍ଷରୁ ୬ ଜଣଙ୍କ ନିକଟରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଶୁକ୍ରବାର ଠାରୁ ସମସ୍ତ ସ୍ଥାନରେ କଡ଼ାକଡ଼ି ଭାବେ କଟକଣା ଲାଗୁ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଗୋହତ୍ୟା ବନ୍ଦ ଦାବିରେ ଗଣଧାରଣା

**ଅନୁଗୋଳ ଅଫିସ, ୮।୪**

ଓଡ଼ିଶାରେ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଗୁରୁବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଜିଲା ସାଧାରଣ ସମ୍ପାଦକ ଗିରିଜା ଶଙ୍କର ଓ ବଜରଙ୍ଗ ଦଳ ଅନୁଗୋଳ ଜିଲା କର୍ମକର୍ତ୍ତା ଅସିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଧାରଣା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ସହ ସମ୍ପାଦକ ରଞ୍ଜିତ ରଶ୍ମି ରଞ୍ଜନ ଓ ସୋରଜ ଧରଙ୍କ ସମେତ ମହାଦେବ ବେହେରା, ବଜରଙ୍ଗ ଦଳର



ବିକାଶ ଦେହୁରୀ, ଅଭିଷେକ ବିଶ୍ୱାଳ, ଜୟଦୀପ ଦାସ, ବିକାଶ ସାହୁ, ସୌମ୍ୟ ରଞ୍ଜନ ସାହୁ, ଶକ୍ତିପ୍ରସାଦ ପ୍ରଧାନ, ସୁମନ୍ତ ଧଳ, ଅଶୋକ କୁମାର ପ୍ରଧାନ, ଶ୍ୟାମ ସୁନ୍ଦର ପାଲଶର୍ମା, ମନୋଜ କୁମାର ସାହୁ, ମନୋରଞ୍ଜନ ସାହୁ, ମୁନା କୁମାର ନାୟକ, ବିଶ୍ୱରଞ୍ଜନ ପ୍ରଧାନ, ଆଲୋକ କୁମାର ନାୟକପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଉନସୁଗାର ଜବତ, ୬ ଗିରଫ




କାର୍ ଜବତ ସହ ପୋଲିସ ୬ ଜଣଙ୍କୁ ଗିରଫ କରିଛି।

**ତାଳଚେର,୮।୪(ନି.ପ୍ର.)**

ତାଳଚେର ପୋଲିସ ଗୁରୁବାର ୪୯ ନମ୍ବର ଜାତୀୟ ରାଜପଥର ସୂର୍ଯ୍ୟଗାର୍ଡେନ ନିକଟରୁ ୧୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାଳଚେର ବ୍ଲକ ଅନାଦିପୁରର ହରିଶ ଓରଫ ଦୁଷ୍ମନ୍ତ ବାଗର, କିଶୋରିପାଳ ଗ୍ରାମର କିଶୋର କୁମାର ନାଏକ, ତାଳଚେର ଥାନା ଅରାସାହିର ବାଳକୃଷ୍ଣ ଭୂତିଆ, ତାଳଚେର ପୌରାଞ୍ଚଳ ରେମୁଆଁର ମନୋଜ ପଟ୍ଟନାୟକ, ସ୍କଟଲାଣ୍ଡପୁରର ଚତୁରା ନାଏକ, ଖୋର୍ଦ୍ଧା ଜିଲା ଗୁରୁଜାଙ୍ଗ ଟାଙ୍ଗିସାହିର ସୋମନାଥ ସାହୁ।

ବିଶ୍ୱସ୍ତସୂତ୍ରରୁ ଖବରପାଇବା ପରେ ତାଳଚେର ପୋଲିସର ଏକ ଟିମ୍ ପିଛା କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କ ନିକଟରୁ ଏକ କାର୍ (ନଂ. ଓଡି୧୯ସି- ୩୨୮୪) ଓ ୩ ମୋବାଇଲ ଜବତ କରାଯାଇଛି। ସୂଚନାଯୋଗ୍ୟ, କିଛି ମାସ ହେଲା ତାଳଚେରର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢିଚାଲିଥିବା ଅଭିଯୋଗ ହେଉଥିଲା। ବିଶେଷକରି ରେମୁଆଁ, ହାଟତୋଟା, ବାଘୁଆବୋଲ, ବସ୍‌ଷ୍ଟାଣ୍ଡ ଅଞ୍ଚଳ ସମେତ ବିଭିନ୍ନ ଗଳିକନ୍ଦି, ଛକ, ନିରୋଳା ସ୍ଥାନରେ ଏହି କାରବାର ହେଉଥିବା ଚର୍ଚ୍ଚା ହେଉଥିଲା। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୧୩୭/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ମଦ ଦୋକାନ ଲାଇସେନ୍ସ ବିତରଣ

**ଅନୁଗୋଳ ଅଫିସ, ୮।୪**

ଅନୁଗୋଳ ଜିଲାରେ ଥିବା ୫୬ ବିଦେଶୀ ଠିପି ବନ୍ଦ ମଦ ଦୋକାନର ଲାଇସେନ୍ସ ଗୁରୁବାର ବିତରଣ କରାଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ଲଟେରୀ କରାଯାଇଥିଲା। ୩୫ ଜଣ ନୂଆ ମୁହଁ ଲାଇସେନ୍ସ ପାଇଥିବାବେଳେ ଜଣେ ବ୍ୟକ୍ତି ୩ଟି କାଉଣ୍ଟର ପାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଲଟେରୀ ପୂର୍ବରୁ ଅବକାରୀ ବିଭାଗୀୟ ଅଧିକାରୀମାନେ ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ଏହାପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକ, ଡେପୁଟି କଲେକ୍ଟର ବଇତୁରା ଦୀପ, ଆଶିଷ୍ଟାଣ୍ଟ କଲେକ୍ଟର ଇସାନୀ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଜିଲାରେ ଥିବା ୫୬ଟି ମଦ ଦୋକାନ ପାଇଁ ମୋଟ୍ ୯୦୮ ଜଣ ଆବେଦନ କରିଥିଲେ। ଏହି ଲଟେରୀ ଉଠାଣ କାର୍ଯ୍ୟକ୍ରମ ବୁଧବାର ହେବାର ଥିଲା। କିନ୍ତୁ ଅନୁଗୋଳ ଜିଲା ବନ୍ଦ ଡାକରା ଯୋଗୁ ଏହାକୁ ଗୁରୁବାର କରାଯାଇଥିଲା।



ମଦ ଦୋକାନ ଲାଇସେନ୍ସ ପାଇଁ କାଗଜପତ୍ର ଯାଞ୍ଚ କରାଯାଉଛି।

# ଉତ୍ତୋଳନ, ପରିବହନ ଠପ୍

- ମିଳିତ କ୍ରିୟାନୁଷ୍ଠାନ କମିଟିର ତାଳଚେର ବନ୍ଦ
- ରାଜପଥ, ରେଳଲାଇନରେ ବସିରହିଲେ ଆନ୍ଦୋଳନକାରୀ
- ଲଗାତାର ୨ ଦିନ ବନ୍ଦ ଯୋଗୁ ବିପୁଳ ରାଜସ୍ୱ କ୍ଷତି




ଟିଟିପିଏସ୍ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ କରାଯାଉଛି।

**ତାଳଚେର,୮।୪(ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ମାର୍ଚ୍ଚ ୩୧ରୁ ବନ୍ଦ କରାଯିବା ପ୍ରତିବାଦରେ ଏବଂ ତୁରନ୍ତ ଷ୍ଟେଜ-୩ ୟୁନିଟ୍ ସ୍ଥାପନ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ବିଭିନ୍ନ କୋଇଲା ଖଣିରେ ଉତ୍ତୋଳନ ଓ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।

ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ସକାଳୁ ବିଭିନ୍ନ ଖଣି କାର୍ଯ୍ୟାଳୟ ଓ ଖଣି ପରିସରରେ ବିକ୍ଷୋଭ ପ୍ରଦର୍ଶନ ସହ ସମସ୍ତ କାର୍ଯ୍ୟ ବନ୍ଦ କରାଇଥିଲେ। ଏଥିଯୋଗୁ ଏମ୍‌ସିଏଲ୍‌ର ଏଠାରେ ଥିବା ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ କୋଇଲା ଖଣି ସମେତ ମୋଟ୍ ୧୦ ଗୋଟି କୋଇଲା ଖଣି ଅଚଳ ହୋଇପଡ଼ିଥିଲା। ସେହିପରି ଆନ୍ଦୋଳନକାରୀମାନେ କୋଇଲା ପରିବହନ ରାସ୍ତା ସହ ରେଳଲାଇନ୍‌ରେ ବସି ରହିବାରୁ ଏନ୍‌ଟିପିସି, ନାଲ୍‌କୋ ସହ ବିଭିନ୍ନ ଉଦ୍ୟୋଗକୁ କୋଇଲା ପରିବହନ ବ୍ୟାହତ ହୋଇଥିଲା। ସହରର ସମସ୍ତ ଦୋକାନ ବଜାର, ସରକାରୀ ଅଫିସ, ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ବନ୍ଦ ଡାକରାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ ମିଳିଥିଲା। ପୋଲିସ ପ୍ରଶାନ୍ତ ବେହେରା, ଗଦାଧର ସାହୁଙ୍କ ସମେତ ୩୩ଜଣଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା। ଗତ ଦୁଇ ଦିନ ହେଲା ବନ୍ଦ ଡାକରା ଯୋଗୁ ତାଳଚେରର ସମସ୍ତ କୋଇଲା ଖଣି ବନ୍ଦ ରହିଥିବାରୁ ଏମ୍‌ସିଏଲ୍‌ର ବହୁ କ୍ଷତି ହୋଇଛି। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ହରାଇବାକୁ ପଡ଼ିଛି।

# ବର୍ଷେ ପରେ କମିନି ଭୟ

ଢେଙ୍କାନାଳ ଅଫିସ, ୮।୪

- ଢେଙ୍କାନାଳ ଜିଲାରେ କରୋନାକୁ ବର୍ଷେ
- ୨୦୨୦ ଏପ୍ରିଲ ୯ରେ ବାହାରିଥିଲା ପ୍ରଥମ ପଜିଟିଭ୍
- ଅଦ୍ୟାବଧି ୫୭୫୫ ଆକ୍ରାନ୍ତ, ୫୭୦୭ ସୁସ୍ଥ, ୨୯ ମୃତ



୨୦୨୦ ଏପ୍ରିଲ ୯। ଏହି ଦିନ କରୋନା ମ୍ୟାପ୍‌ରେ ସାମିଲ ହୋଇଥିଲା ଶିଳ୍ପସମୃଦ୍ଧ ଢେଙ୍କାନାଳ ଜିଲା। ପୌରାଞ୍ଚଳରୁ ଚିହ୍ନଟ ହୋଇଥିଲେ ପ୍ରଥମ ଆକ୍ରାନ୍ତ। ଇତିମଧ୍ୟରେ ବର୍ଷେ ବିତିଛି। ବର୍ଷେ ଭିତରେ ଭୂତାଣୁ ଦେଇଥିବା ଯନ୍ତ୍ରଣା ସହିଛନ୍ତି ଜିଲାବାସୀ। ଅନେକ ସଂସାର ଉଜାଡ଼ିଛି ଭୂତାଣୁ। ଦୋହଲାଇ ଦେଇଛି ଆର୍ଥିକ ବ୍ୟବସ୍ଥା। ଲୋକଙ୍କ ମନରୁ କରୋନା ଭୟ ଛାଡ଼ି ନ ଥିବାବେଳେ ଏବେ ଦ୍ୱିତୀୟ ଲହରି ଆରମ୍ଭ ହୋଇଛି। କୋଭିଡ୍ ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଥିବାବେଳେ ପୁଣି ଫେରିଛି ବର୍ଷେ ତଳର ସ୍ମୃତି।

୨୦୨୦ ଏପ୍ରିଲ ୯ରେ ଢେଙ୍କାନାଳ ପୌରାଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାଙ୍କ ନିକଟରୁ ପ୍ରଥମେ କରୋନା ଭୂତାଣୁ ଠାବ କରାଯାଇଥିଲା। ଏହାପରେ କରୋନା ମୁକାବିଲା ପାଇଁ ଜାଗତିଆର ଆରମ୍ଭ କରିଥିଲା ଜିଲା ପ୍ରଶାସନ। ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲା କୋଭିଡ୍ ଚିକିତ୍ସାଳୟରେ ପରିଣତ କରାଯାଇଥିଲା। ଏହାକୁ ବାଦ୍‌ଦେଲେ ପ୍ରତି ବ୍ଲକରେ ଖୋଲିଥିଲା କୋଭିଡ୍ ନିରାକରଣ କେନ୍ଦ୍ର। ବର୍ଷକ ମଧ୍ୟରେ ଅର୍ଥାତ୍ ଗୁରୁବାର ସୁଦ୍ଧା ଜିଲାରୁ ମୋଟ ୫,୭୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୭୦୭ଜଣ ସୁସ୍ଥ ହୋଇଥିବାବେଳେ ୨୯ଜଣଙ୍କ ମୃତ୍ୟୁ ଘଟିଛି।

କରୋନା ଜନିତ ଲକ୍‌ଡାଉନ୍ ସମୟରେ ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୨୦୨୦ ଏପ୍ରିଲ ଏବଂ ମେ ମାସରେ ୭୦ହଜାର ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ପାଖାପାଖି ୨୦ ହଜାର ପ୍ରବାସୀଙ୍କୁ ରହିବା, ଖାଇବା ବନ୍ଦୋବସ୍ତ କରାଯାଇଥିଲା। କରୋନା ମୁକାବିଲା ପାଇଁ ପୌରସଂସ୍ଥା ଗତବର୍ଷ ୩୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷେ ପ୍ରଶାସନ, ଆଗଧାଡ଼ିର ଯୋଦ୍ଧା ଏବଂ ଜିଲାବାସୀଙ୍କ ସହଯୋଗରେ ଗତ ଫେବୃୟାରୀରେ ଜିଲାକୁ କରୋନା ମୁକ୍ତ ଘୋଷଣା କରାଯାଇଥିଲା। ଏହାର କିଛି ଦିନ ନ ପୂରୁଣୁ ପୁଣି ଥରେ କରୋନା କାୟା ମେଲାଇବା ଆରମ୍ଭ କରିଛି, ଯାହା ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। ଦ୍ୱିତୀୟ ଲହରି ପ୍ରତିହତ କରିବାକୁ ଜିଲା ପ୍ରଶାସନ, ପୌରସଂସ୍ଥା ଏବଂ ୩ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଘନଘନ ବୈଠକ କରି ସ୍ଥିତି ସମୀକ୍ଷା କରୁଛନ୍ତି। କୋଭିଡ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଉଛି। ଅମାନିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ପର୍ବପର୍ବାଣିରେ ଧର୍ମସ୍ଥଳୀରେ ଜନସମାଗମକୁ ବାରଣ କରାଯାଇଛି। ଅଧିକରୁ ଅଧିକଆଣ୍ଟିଜେନ୍ ଓ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଉଛି।

ଜିଲାରେ ଟିକାକରଣ କାର୍ଯ୍ୟକ୍ରମ ଆଗେଇ ଚାଲିଥିବାବେଳେ ପ୍ରତିଷେଧକର ଅଭାବ ଦେଖାଦେଇଛି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ପୌରାଞ୍ଚଳରେ ଥିବା ଆବାସିକ ବିଦ୍ୟାଳୟ ଛାତ୍ରାବାସଗୁଡ଼ିକୁ ସାନିଟାଇଜେଶନ କରାଯିବା ସହ ଅନ୍ତେବାସୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଉଥିବା ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି।

## ୧ଲକ୍ଷ ୨ହଜାର ୪୨ ଟିକା ନେଲେଣି

ଢେଙ୍କାନାଳ ଜିଲାରେ ଗୁରୁବାର (ଏପ୍ରିଲ ୮) ସୁଦ୍ଧା ମୋଟ ୧ଲକ୍ଷ ୨ହଜାର ୪୨ଜଣ କରୋନା ଟିକା ନେଇସାରିଲେଣି। ୭୩୬୪ ଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଥମ ଡୋଜ୍ ଦିଆଯାଇଛି। ଉପରୋକ୍ତ ଆଗଧାଡ଼ିର କରୋନା ଯୋଦ୍ଧାଙ୍କ ମଧ୍ୟରୁ ୬୨୯୯ଜଣ ଦ୍ୱିତୀୟ ଡୋଜ୍ ନେଇସାରିଲେଣି। ସେହିପରି ୩୬୫୬ ପୋଲିସ, ସରକାରୀ କର୍ମଚାରୀଙ୍କ ସମେତ ଫ୍ରଣ୍ଟଲାଇନ୍ ୱାର୍କରଙ୍କୁ ପ୍ରଥମ ଡୋଜ ଦିଆସରିଛି। ତନ୍ମଧ୍ୟରୁ ୨୬୭୩ଜଣ ଦ୍ୱିତୀୟ ଡୋଜ୍ ଟିକା ଗ୍ରହଣ କରିସାରିଲେଣି। ୪୫ରୁ ୫୯ ବର୍ଷ ମଧ୍ୟରେ ୨୮,୬୫୭ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ସେମାନଙ୍କ ମଧ୍ୟରୁ ୧୦୨ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି। ୬୦ବର୍ଷରୁ ଊର୍ଦ୍ଧ୍ୱ ୫୧,୬୩୩ ଜଣଙ୍କୁ ପ୍ରଥମ ଏବଂ ତନ୍ମଧ୍ୟରୁ ୧,୬୫୮ଜଣଙ୍କୁ ଦ୍ୱିତୀୟ ଡୋଜ୍ ପ୍ରଦାନ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ମଦ୍ୟପଙ୍କ ଠେଙ୍ଗା ମାଡ଼ରେ ମହିଳା ମୃତ

କାମାକ୍ଷାନଗର, ୮।୪(ଡି.ଏନ.ଏ.): ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା କଦଳୀପାଳ ଗ୍ରାମ ଆମ୍ବତୋଟାରେ ବୁଧବାର ଅଭାବନୀୟ କାଣ୍ଡ ଘଟିଛି। ମଦ୍ୟପଙ୍କ ଠେଙ୍ଗାମାଡ଼ରେ ହାଣ୍ଡିଆ ବିକ୍ରି କରୁଥିବା ମହୁଲଡଗର ଡଙ୍କାବୋଲ ଗ୍ରାମର ଶ୍ରୀମତୀ ଚାତରଙ୍କ ମୃତ୍ୟୁ ଘଟିଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କଦଳୀପାଳ ଗ୍ରାମର ଫକୀର ପଧାନଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏଥିରେ ସମ୍ପୃକ୍ତ ଅନ୍ୟ କେତେଜଣ ଫେରାର ଥିବା ତୁମୁସିଙ୍ଗା ଥାନା ଭାରପ୍ରାପ୍ତ ଥାନାଧିକାରୀ ସୁଜିତ କୁମାର ସାହୁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶ୍ରୀମତୀ ଚାତର ଏବଂ ବାସନ୍ତୀ ଚାତର ହାଣ୍ଡିଆ ବିକ୍ରି କରିଥାନ୍ତି। ବୁଧବାର ହାଣ୍ଡିଆ ପିଇବା ଲାଗି ଅଭିଯୁକ୍ତ ଫକୀର ପଧାନ ଓ ଅନ୍ୟକେତେଜଣ ଆସିଥିଲେ। ହାଣ୍ଡିଆ ପିଇବା ପରେ ଫକୀର ବାସନ୍ତୀଙ୍କ ହାଣ୍ଡିଆ ମାଠିଆକୁ ଗୋଇଠା ମାରିଥିଲେ। ପ୍ରତିବାଦ କରିବାରୁ ଫକୀର ଗାଳିଗୁଲଜ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଶ୍ରୀମତୀଙ୍କ ଧର୍ମପୁଅ ଏବଂ ଅନ୍ୟ କେତେଜଣ ବିରୋଧ କରିଥିଲେ। ଉଭୟପକ୍ଷଙ୍କୁ ଗଣ୍ଡଗୋଳରୁ ନିବୃତ୍ତ କରାଇବାକୁ ଶ୍ରୀମତୀ ଯାଉଥିବାବେଳେ ଫକୀର ଏକ ଠେଙ୍ଗାରେ ତାଙ୍କ ତଳିପେଟକୁ ପ୍ରହାର କରିଥିଲେ। ଗୁରୁତର ଅବସ୍ଥାରେ ଧର୍ମପୁଅ ମା'ଙ୍କୁ ଘରକୁ ନେଇଯାଇଥିଲେ। ଶ୍ରୀମତୀଙ୍କ ଝିଅ ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ ହେଁ ଆମ୍ବୁଲାନ୍ସ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୬୧/୨୧ରେ ମାମଲା ରୁଜୁ ହୋଇଛି। ଗୁରୁବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଆହତ କୁଟୁରା ଉଦ୍ଧାର

କାମାକ୍ଷାନଗର, ୮।୪(ଡି.ଏନ.ଏ.): କାମାକ୍ଷାନଗର ମହାବିଦ୍ୟାଳୟ ନିକଟରୁ ଗୁରୁବାର ବନ କର୍ମଚାରୀ ଏକ କୁଟୁରା ଉଦ୍ଧାର କରିଛନ୍ତି। ଉକ୍ତ କୁଟୁରା ଗ୍ରାମ ନିକଟ ଜଙ୍ଗଲରୁ ଜନବସତିକୁ ଚାଲି ଆସିଥିବାବେଳେ କୁକୁର ପଲ ହାବୁଡ଼ରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ କୁଟୁରାକୁ ଉଦ୍ଧାର କରି ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଆହତ କୁଟୁରାକୁ କାମାକ୍ଷାନଗର ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଇଛନ୍ତି। ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର କୁହନ୍ତି, ଚିକିତ୍ସା ପରେ କୁଟୁରାଟି ସୁସ୍ଥ ଅଛି।

### ନାଳରୁ ମିଳିଲା ନାବାଳିକାଙ୍କ ମୃତଦେହ

କାମାକ୍ଷାନଗର, ୮।୪(ଡି.ଏନ.ଏ.): କଙ୍କଡ଼ାହାଡ଼ ଥାନା ସାଧୁଆମୁଣ୍ଡା ଗ୍ରାମ ନିକଟ ନାଳରୁ ଗୁରୁବାର ଲଦର କୁଲଦି (୭)ଙ୍କ ମୃତଦେହ ମିଳିଛି। ଲଦର ବୁଧବାର କେନ୍ଦୁପତ୍ର ତୋଳିବାକୁ ଯାଇ ଫେରି ନ ଥିଲେ। ଘରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ମୃତଦେହ ନାଳରେ ଭାସୁଥିବା ଗ୍ରାମବାସୀ ସୂଚନା ଦେଇଥିଲେ। କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ନାଳରେ ଖସିପଡ଼ି ଲଦରଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ରାଜସ୍ୱ ଆଦାୟରେ ରେକର୍ଡ

କାମାକ୍ଷାନଗର/ପରଜଙ୍ଗ, ୮।୪(ଡି.ଏନ.ଏ.)

ରାଜସ୍ୱ ଆଦାୟରେ ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ସର୍ବକାଳୀନ ରେକର୍ଡ କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲା ପ୍ରଶାସନ ପକ୍ଷରୁ ୪ କୋଟି ୪୨ ଲକ୍ଷ ୫୮ ହଜାର ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଦିଆଯାଇଥିବାବେଳେ ୧୦ କୋଟି ୭୩ ଲକ୍ଷ ୯୫ ହଜାର ୭୪ ଟଙ୍କା ଆଦାୟ କରାଯାଇଛି, ଯାହା ୨୪୨% ଅଧିକ। କେବଳ ଲଘୁ ଖଣିଜ ଦ୍ରବ୍ୟରୁ ୭ କୋଟି ୮ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଆଦାୟ ହୋଇଛି ୯କୋଟି ୮୦ ଲକ୍ଷ ୬୬ ହଜାର ୩୩୭ ଟଙ୍କା। ତହସିଲଦାର ସଞ୍ଜୟ କୁମାର ରାଉତ ଏବଂ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଥିବା ବରିଷ୍ଠ କିରାଣି ଦିବ୍ୟସିଂହ ଲେଙ୍କା ସୂଚନା ଦେଇଛନ୍ତି। ସେହିପରି ପରଜଙ୍ଗ ତହସିଲ ପକ୍ଷରୁ ଧାର୍ଯ୍ୟଠାରୁ ଦୁଇଗୁଣା ରାଜସ୍ୱ ଆଦାୟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ୩ କୋଟି ୭୨ଲକ୍ଷ ୭୩ ହଜାର ଟଙ୍କା ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ତେବେ ତହସିଲ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଫଳରେ ୬ କୋଟି ୩୮ଲକ୍ଷ ୧୩ ହଜାର ୫୦୮ ଟଙ୍କା ରାଜସ୍ୱ ଆଦାୟ କରାଯାଇପାରିଥିବା ତହସିଲଦାର ଜୟନ୍ତ କୁମାର ଜ ଯସିଂ ସୂଚନା ଦେଇଛନ୍ତି। ଏଥିଲାଗି ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ପ୍ରଶଂସାର ପାତ୍ର ବୋଲି ସେ କହିଛନ୍ତି।

## ୧୫ କି.ମି. ରାସ୍ତା ପାଇଁ ୧୪.୪୦ କୋଟି



ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକଙ୍କ ସମେତ ଅନ୍ୟମାନେ।

କାମାକ୍ଷାନଗର, ୮।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ-ବୀରାଶାଳ-କଲରଙ୍ଗୀ-ଅଟା ରାସ୍ତା ନିର୍ମାଣ ଲାଗି ଗୁରୁବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ୧୪.୯୫୦ କିଲୋମିଟର ରାସ୍ତା ଲାଗି ୧୪ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଖଣି ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ବାଟଗାଁ ସରପଞ୍ଚ ରାଜେନ୍ଦ୍ର ସ୍ୱାଇଁ, ବୁନୁ ମିଶ୍ର, ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦିଗମ୍ବର ବିଶ୍ୱାଳ, ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ହରିପାଲ, ଠିକା କମ୍ପାନୀ ଏମ୍ ଆଣ୍ଡ ଏସ୍‌ର ସୁମନ୍ତ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ରାସ୍ତା ନିର୍ମାଣ ହେବା ପରେ କଙ୍କଡ଼ାହାଡ଼ ବ୍ଲକର ବାଟଗାଁ, ବୀରାଶାଳ, କଲରଙ୍ଗୀ, ଅଟା ଅଞ୍ଚଳକୁ ଗମନାଗମନ ସୁବିଧା ହେବ। ଏଥିସହ କେନ୍ଦୁଝରର ଜିଲାର ଯୋଡ଼ା, ବଡ଼ବିଲ ସହିତ ଯାଜପୁର ଅଞ୍ଚଳକୁ ଯାତାୟାତ ସୁଗମ ହେବ। କଙ୍କଡ଼ାହାଡ଼ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି। ରାସ୍ତାଘାଟର ଉନ୍ନତି ଦ୍ୱାରା ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ରୂପରେଖ ବଦଳିବ। ଲୋକଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଆଜି ମଦ ଦୋକାନ ପାଇଁ ଲଟେରି

ଢେଙ୍କାନାଳ ଅଫିସ, ୮।୪

ଢେଙ୍କାନାଳ ଜିଲାରେ ମଦ ଦୋକାନ ଗୁଡ଼ିକର ନିଲାମ ଲାଗି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଲଟେରି ମାଧ୍ୟମରେ ମଦ ଦୋକାନ ନିଲାମ ଦିଆଯିବ। ଜିଲାରେ ଥିବା ମୋଟ୍ ୪୧ ମଦ କାଉଣ୍ଟର ପାଇଁ ୭୦୭ ଆବେଦନକାରୀ ରହିଛନ୍ତି। ସେମାନଙ୍କଠାରୁ ଦରଖାସ୍ତ ଫି' ବାବଦକୁ ମୋଟ ୭ କୋଟି ୭ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି। ପ୍ରତି ଆବେଦନକାରୀଙ୍କଠାରୁ ଦରଖାସ୍ତ ଫି' ୧ ଲକ୍ଷ ଟଙ୍କା ସମେତ ଅନ୍ୟ ଆନୁସଙ୍ଗିକ ଫି' ବାବଦରେ ଏହି ଟଙ୍କା ଆଦାୟ କରାଯାଇଛି। ପୁରୁଣା ଜିଲା ପରିଷଦ ହଲ୍‌ରେ ଏହି ଲଟେରି ଉଠାଣ କରାଯିବାକୁ ସ୍ଥିର ହୋଇଥିବା ବେଳେ ଏଥିଲାଗି ବିଭାଗୀୟ ପ୍ରସ୍ତୁତି ଶେଷ ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଲଟେରୀ ଉଠାଣ ବେଳେ ଉପସ୍ଥିତ ସମସ୍ତେ ଯେପରି ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ବଜାୟ ରଖିବେ ତାହା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଲଟେରି ଉଠାଣ ପରେ ଜିଲାର ୪୧ କାଉଣ୍ଟରର ନିଲାମଧାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜିଲା ଅବକାରୀ ଅଧୀକ୍ଷକ ମନୋଜ ସେଠୀ ସୂଚନା ଦେଇଛନ୍ତି।

## ଚୋରି ପିକ୍‌ଅପ୍ ଭ୍ୟାନ୍ ଜବତ, ୨ ଗିରଫ



ଜବତ ଗାଡ଼ି ଏବଂ ଗିରଫ ଅଭିଯୁକ୍ତମାନେ।

ଢେଙ୍କାନାଳ ଅଫିସ, ୮।୪

ଢେଙ୍କାନାଳ ସହର ରଥଗଡ଼ା ଅଞ୍ଚଳରୁ ଗତ ମାର୍ଚ୍ଚ ୨୨ ତାରିଖ ଭୋର ସମୟରେ ଚୋରି ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି ୦୫ କ୍ୟୁ ୫୨୫୫)କୁ ବେଗୁନିଆ ଅଞ୍ଚଳରୁ ଗୁରୁବାର ଟାଉନ ଥାନା ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଅନ୍ୟ ଏକ କାର୍ (ନଂ. ଓଡି ୦୨ ଟି ୦୧୦୦), ୨ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା ଥିବାରୁ ପୋଲିସ ଗିରଫ ଦୁଇ ଅଭିଯୁକ୍ତଙ୍କ ନାମ ଗୋପନ ରଖିଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିଥିବା ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ସୂଚନା ଦେଇଛନ୍ତି।

ଜବତ ପିକଅପ୍ ଭ୍ୟାନର ମାଲିକ ଶ୍ୟାମସୁନ୍ଦର ବରାଳ। ତାଙ୍କ ଘର ଦେଉଳସାହି ଅଞ୍ଚଳରେ। ଚୋରା କାଠ ଏବଂ ଗୋରୁ ଚାଲାଣରେ ବ୍ୟବହାର କରିବା ଲାଗି ଅଭିଯୁକ୍ତମାନେ ଉକ୍ତ ପିକ୍‌ଅପ୍ ଭ୍ୟାନଟିକୁ ଚୋରି କରିଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ କହିଛନ୍ତି। ଘଟଣାକୁ ନେଇ ଟାଉନ ଥାନାରେ ନଂ. ୧୨୭/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ନମିତା ନାୟକ ଉପସ୍ଥିତ ଥିଲେ।

## ବିଜୁ ସେତୁ ହେଲା ଲୋକାର୍ପିତ

ପରଜଙ୍ଗ, ୮।୪(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ (ଆର୍‌ଡି) ବିଭାଗ ପକ୍ଷରୁ ଗୁରୁବାର ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଦ୍ମପୋଖରୀ-ବେଲବସନ୍ତ ରାସ୍ତାର ବେତାଳି ନାଳ ଉପରେ ବିଜୁ ସେତୁ ଉଦ୍‌ଘାଟିତ ହୋଇଛି। ବିଧାୟକ ଡା. ନୃସିଂହ ଚରଣ ସାହୁ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ସେତୁ ନିର୍ମାଣରେ ୨ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପଦ୍ମପୋଖରୀ-ବେଲବସନ୍ତ ରାସ୍ତାର ବେତାଳି ନାଳ ପ୍ରତିବର୍ଷ ବର୍ଷାଦିନେ ଉଛୁଳୁଛି। ଫଳରେ ଶତାଧିକ ଗ୍ରାମବାସୀ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ନାହିଁ ନ ଥିବା ସମସ୍ୟା ଭୋଗୁଥିଲେ। ତେଣୁ ବେତାଳି ନାଳ ଉପରେ ଏକ ବ୍ରିଜ୍ ନିର୍ମାଣ କରିବାକୁ ଜୟପୁରାକାଟେଣୀ ଗ୍ରାମବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଏହି ସେତୁ ନିର୍ମାଣ ପରେ ଜନସାଧାରଣଙ୍କ ଗମନାଗମନ ସୁଗମ ହୋଇପାରିବ ବୋଲି ବିଧାୟକ କହିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ବିଭାଗୀୟ ଯନ୍ତ୍ରୀ ହେମନ୍ତ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବଜ୍ୟୋତି ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ପଦ୍ମପୋଖରୀ-ବେଲବସନ୍ତ ରାସ୍ତାର ବେତାଳି ନାଳ ଉପରେ ନିର୍ମିତ ବିଜୁ ସେତୁକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## ବିନା କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଚଲୁ

ପରଜଙ୍ଗ, ୮।୪(ଡି.ଏନ.ଏ.)

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା
- ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଫେରାଦ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁରାକାଟେଣୀ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ବିନା କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଚଲୁ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାମର ମଝିସାହି ପୋଖରୀ ପୁନରୁଦ୍ଧାର ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ପୋଖରୀରେ ପାଣି ଥିବାରୁ ମୂଳରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅଥଚ ସୂଚନା ଫଳକରେ ଦର୍ଶାଇ ଚତୁରତାର ସହିତ ୪୮ ହଜାର ଟଙ୍କା ବିଲ କରାଯାଇଛି। ସେହିପରି ପଞ୍ଚାୟତ ଭବନ ନିର୍ମାଣ ଲାଗି ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ତେବେ ବିନା କାର୍ଯ୍ୟରେ ଶ୍ରମିକ ମଜୁରି ବାବଦରେ ୧ ଲକ୍ଷ ଟଙ୍କାର ବିଲ୍ ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ୱେବ୍‌ସାଇଟରୁ ଜାଣିବା ପରେ ବିଭାଗୀୟ ଅଧିକାରୀ, ଜିଲାପାଳ, ପିଡି ଡିଆର୍‌ଡିଏଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅନିୟମିତତା ଲୁଚାଇବାକୁ ରାତାରାତି ମେଶିନ ସହାୟତାରେ କାର୍ଯ୍ୟ କରିବାକୁ ଉଦ୍ୟମ ଚଳାଇଛନ୍ତି, ଯାହାକୁ ତୀବ୍ର ବିରୋଧ କରୁଛନ୍ତି ଅଞ୍ଚଳବାସୀ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ଅଭିଯୋଗକୁ ସ୍ୱୀକାର କରିଛନ୍ତି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ନାୟକ। ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ବିନା ସୂଚନା ଫଳକରେ କାମ କରିବା ଏବଂ କାମ ନ କରି ବିଲ୍ ଉଠାଯିବା ବିଭାଗୀୟ ଅଧିକାରୀଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସୂଚନାଯୋଗ୍ୟ ଗତବର୍ଷ ଉକ୍ତ ପଞ୍ଚାୟତରେ ଡ୍ରେନ୍ ନିର୍ମାଣର କିଛିଦିନ ଭିତରେ ଭାଙ୍ଗି ଯାଇଥିଲା। ରାତିଅଧରେ ଯନ୍ତ୍ରୀ ଏହାକୁ ମରାମତି କରିବାକୁ ଚେଷ୍ଟା କରି ଅପଦସ୍ଥ ହୋଇଥିଲେ। ଅଭିଯୋଗ ସମ୍ପର୍କରେ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ମତାମତ ଜାଣିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇନାହିଁ।



ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଆଣିଥିବା ଗ୍ରାମବାସୀ।

